# ବିଜ୍ଞାପନ

ପତ୍ର ସଂଖ୍ୟା ୪୪୧ ତାରିଖ ୦୩/୦୨/୨୦୨୭

ଏତଦ୍ଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ଦାନଗଦି ,ଜିଲ୍ଲା- ଯାଜପୁର ଅଧିନସ୍ଥ ୩ ଗୋଟି ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଚୟନ କରାଯିବ।ତେଣୁ ଅଙ୍ଗନୱାଡି ସେବା ପରିସର ଭୁକ୍ତ ଅଞ୍ଚଳରେ ଇଚ୍ଛୁକ ମହିଳା ପାର୍ଥିନୀମାନେ ଅନଲାଇନ(online) ଫର୍ମରେ ଆସନ୍ତା ତା.୦୩.୦୬.୨୦୨୬ ରିଖ ଠାରୁ ତା.୧୮.୦୬.୨୦୨୬ ରିଖ ମଧ୍ୟରେ (online-http://engagement-awc.odisha.gov.in) ମାଧ୍ୟମରେ (public login) କରି ଆବେଦନପତ୍ର ଦାଖଲ କରିବେ। ଅସଂପୁର୍ଣ ଦରଖାସ୍ତ ଓ ଆବଶ୍ୟକୀୟ ପ୍ରମାଣପତ୍ର ନଥିବା ଦରଖାସ୍ତ ଗୁଡିକ ନାକଚ କରିଦିଆଯିବ। ଓଡିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ନିୟମାବଳୀ ସଂଖ୍ୟା.୪୯୭୨ ତା . ୧୫.୦୩.୨୦୨୩ ଅନୁଯାୟୀ ଚୟନ ପ୍ରକ୍ରିୟା କରାଯିବ ।

**ପାର୍ଥିନୀଙ୍କ ଯୋଗ୍ୟତା ଓ ଆବେଦନ ନିମନ୍ତେ ନିୟମାବଳୀ:**

୧) ଆବେଦନକାରିଣୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ଅଧିବାସିନୀ ହୋଇଥିବା ଆବଶ୍ୟକ।

୨) ଆବେଦନକାରିଣୀଙ୍କ ବୟସ ତା ୦୧।୦୧।୨୦୨୬ ରିଖ ସୁଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ ହୋଇନଥିବ।

୩) ପାର୍ଥିନୀ ଯୁକ୍ତ ଦୁଇ(+୨) କିମ୍ବା ୩ ବର୍ଷୀୟା ଡିପ୍ଲୋମା ପାଠ୍ୟକ୍ରମ ପାସ ହୋଇଥିବା ଆବଶ୍ୟକ।

୪) ଅଙ୍ଗନବାଡି କର୍ମୀ ପାଇଁ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ଅଧିବାସିନୀ ହୋଇଥିବେ ଏବଂ ତାଙ୍କର ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ଦରକାର।

୫) ଅଙ୍ଗନବାଡି କର୍ମୀ ଜଣେ ସ୍ୱଚ୍ଛାସେବୀ କର୍ମୀଭାବେ ତାଙ୍କର କାର୍ଯ୍ୟ ସମ୍ପାଦନ କରିବେ। ଏହି କାର୍ଯ୍ୟ ନିମନ୍ତେ ସ୍ୱଚ୍ଛାସେବୀ କର୍ମୀ ହିସାବରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁକମ୍ପାମୂଳକ ମାସିକ ଭତ୍ତା ତାଙ୍କୁ ପ୍ରଦାନ କରାଯିବ।

୬) ଅଙ୍ଗନବାଡି କର୍ମୀ ଜଣେ ସରକାରୀ କର୍ମଚାରୀ ନୁହନ୍ତି କିମ୍ବା ତାଙ୍କର କୌଣସି ସ୍ଥାୟୀ କିମ୍ବା ରେଖାଙ୍କିତ ଦରମା ହାର ନାହିଁ। ଏଣୁ ସେହି କର୍ମୀ ଚୟନ ପାଇଁ ଓ.ଆର.ଭି. ଆକ୍ଟ (SC&ST 1975) (Employment Exchange Act 1959) ଲାଗୁ ହେବନାହିଁ।

୭) ଆବେଦନ କାରିଣୀ କର୍ମୀରୂପେ ନିୟୋଜନ ହେବାପରେ ସେ ଭବିଷ୍ୟତରେ କୌଣସି ସ୍ଥାୟୀ ନିଯୁକ୍ତି ଦାବି କରିପାରିବେନାହିଁ।

୮) ଆବଶ୍ୟକୀୟ ସର୍ବନିମ୍ନ ଯୋଗ୍ୟତା ଥିବା ଅଙ୍ଗନବାଡି ସହାୟିକା/ସଙ୍ଗଠିକା/ବାଲବାଡି କର୍ମୀ ଭାବରେ ୫ ବର୍ଷରୁ ଉର୍ଦ୍ଧ କାର୍ଯ୍ୟରେ ଅଭିଜ୍ଞତା ଥିବା ଆବେଦନ କାରିଣୀ ମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଅଗ୍ରାଧିକାର ଦିଆଯାଇ କର୍ମୀ ଚୟନ କରାଯିବ।

୯) ଅନୁସୂଚିତ ଜାତି(SC)/ଅନୁସୂଚିତ ଉପଜାତି (ST) /ବିଧବା/ସ୍ୱାମୀ ପରିତ୍ୟକ୍ତା/ଶାରୀରିକ ଭିର୍ନକ୍ଷମ ମହିଳା/ ଅନାଥ ଝିଅ ମାନଙ୍କୁ ସରକାରଙ୍କ ନିୟମ ଅନୁଯାଇ ଅତିରିକ୍ତ ନମ୍ବର ପ୍ରଦାନ କରାଯିବ।

୧୦) ଆବେଦନକାରିଣୀ ମାନେ ଆବେଦନ କରିଥିବା ସମସ୍ତ ମୂଳ ପ୍ରମାଣ ପତ୍ର ସହିତ ଯଥା:- ଶିକ୍ଷାଗତ ଯୋଗ୍ୟତା/ଜାତିଗତ/ସ୍ଥାୟୀବାସିନ୍ଦା/ବିଧବା/ସ୍ୱାମୀପରିତ୍ୟକ୍ତା/ଭିର୍ନକ୍ଷମ ଓ ଅନ୍ୟାନ ପ୍ରମାଣପତ୍ର ସହିତ ଯାଞ୍ଚ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ତା ୧୯/୦୬/୨୦୨୬ ସମୟ ଦିବା ୧୦.୩୦ ଘଟିକା ରେ ଯାଞ୍ଚ କାର୍ଯ୍ୟକୁ ତ୍ୱରାନିତ କରିବା ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଉପସ୍ଥିତ ରହିବେ। ଅନୁପସ୍ଥିତ ରହିଥିବା ଆବେଦନ କାରିଣୀଙ୍କ ପତ୍ରକୁ ନାକଚ କରିଦିଆଯିବ। ଯାଞ୍ଚ କାର୍ଯ୍ୟ ନିମନ୍ତେ ଆବେଦନ କାରିଣୀଙ୍କ ନିକଟକୁ କୌଣସି ଚିଠି ପଠାଯିବ ନାହି। ବିଜ୍ଞାପନରୁ ଧାର୍ଯ୍ୟ ସମୟ ଓ ସ୍ଥାନ ମୁତାବକ ଉପସ୍ଥିତ ରହିବେ।

୧୧) ଯାଞ୍ଚ କାର୍ଯ୍ୟରେ ପାର୍ଥିନୀଙ୍କ ନାମ ତଥା ଜାତିଗତ, ଶିକ୍ଷାଗତ ଓ ସ୍ଥାୟୀ ବାସିନ୍ଦା ତଥ୍ୟ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ/ ପଞ୍ଚାୟତସମିତି କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ଗ୍ରାମପଞ୍ଚାୟତ ବିଜ୍ଞାପନ ଫଳକ/ ଅଙ୍ଗନବାଡି କେନ୍ଦ୍ର ସେବା ପରିସରଭୁକ୍ତ ଅଞ୍ଚଳର ପ୍ରମୁଖ ସ୍ଥାନ ମାନଙ୍କରେ ସ୍ଥାନ ପାଇବ।

୧୨) ସମ୍ପୃକ୍ତ କେନ୍ଦ୍ର ଓ ସେବା ପରିଷରଭୁକ୍ତ ଅଞ୍ଚଳର ଜନସାଧାରଣ ମାନଙ୍କର ଯଦି କୌଣସି ପାର୍ଥିନୀଙ୍କ ସ୍ଥାଇବାସିନ୍ଦା,ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ପ୍ରମାଣ ପତ୍ର, ଭିର୍ନ୍ନକ୍ଷମ ପ୍ରମାଣପତ୍ର ଉପରେ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ଲିଖିତଭାବେ ନିଧିଷ୍ଟ କେନ୍ଦ୍ର, ଆବେଦନକାରିଣୀଙ୍କ ନାମ, ଅଭିଯୋଗ ତଥ୍ୟ ଉଲ୍ଲେଖ କରି ଅଭିଯୋଗ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ତା। ୨୬/୦୭/୨୦୨୬ ରିଖ ମଧ୍ୟରେ ପ୍ରଦାନ କରିବେ। ଧାର୍ଯ୍ୟ ତାରିଖ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

**<u>ଆବଶ୍ୟକୀୟ ପ୍ରମାଣପତ୍ରଃ-</u>**

୧. ଆବେଦନ କାରିଣୀ ଦରଖାସ୍ତ ଫର୍ମ ସହିତ self-Attested ହୋଇଥିବା ୧ ଗୋଟି ପାସପୋର୍ଟ ଫଟୋ ଉପରେ ନିଜର ଦସ୍ତଖତ କରି ପ୍ରଦାନ କରିବେ।

୨. ଯୁକ୍ତ ଦୁଇ(+୨) ପାସ କିମ୍ବା ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କସିଟର ସତ୍ୟାପିତ ନକଲ ପ୍ରଦାନ କରିବେ।

୩. ପ୍ରାର୍ଥିନୀ ସ୍ଥାନୀୟ ତହସିଲଦାର ଙ୍କ ଠାରୁ ନିଜର ସ୍ଥାୟୀବାସିନ୍ଦାର ପ୍ରମାଣପତ୍ରର ଅବିକଳ ନକଲ ପ୍ରଦାନ କରିବେ (ତାହା ଦରଖାସ୍ତ କରିବାର ନିକଟ ଭାବିଷ୍ୟତ ମଧ୍ୟରେ ପ୍ରାପ୍ତ ହୋଇଥିବା ଦରକାର)

୪. ପ୍ରାର୍ଥିନୀ ଅନୁସୂଚିତ ଜାତି(SC) ଅନୁସୂଚିତ ଉପଜାତି (ST) ହୋଇଥିଲେ ତହସିଲଦାର ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଜାତିଗତ ପ୍ରମାଣପତ୍ର ର ସତ୍ୟାପିତ ନକଲ ପ୍ରଦାନ କରିବେ।

୫. ପ୍ରାର୍ଥିନୀ ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଦାଖଲ କରିବେ।

୬. ପ୍ରାର୍ଥିନୀ ଅନାଥ ହୋଇଥିଲେ ତାହାର ପ୍ରମାଣ ପତ୍ର ପ୍ରଦାନକରିବେ ଓ କୌଣସି ଅନୁଷ୍ଠାନରେଥିଲେ ଉକ୍ତ ଅନୁଷ୍ଠାନର ପ୍ରମାଣପତ୍ର ର ସତ୍ୟାପିତ ନକଲ ପ୍ରଦାନ କରିବେ।

୭. ପ୍ରାର୍ଥିନୀ ଶାରୀରିକ ଭିର୍ନ୍ନକ୍ଷମ ହୋଇଥିବା ଦୃଶ୍ୟମାନ ସ୍ଥାନସହ ସମ୍ପୃଣ୍ଣ ଶରୀରର ଏକ ଫଟୋ ଓ ମେଡିକାଲ ବୋର୍ଡର ପ୍ରମାଣପତ୍ର ର ସତ୍ୟାପିତ ନକଲ ସହିତ ସରକାରଙ୍କ ଠାରୁ ପାଉଥିବା ସହାୟତାର ପ୍ରମାଣ ପତ୍ରର ସତ୍ୟାପିତ ନକଲ ପ୍ରଦାନ କରିବେ।

୮. ନିରାଶ୍ରୟ ମହିଳା ହୋଇଥିଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ରର ସତ୍ୟାପିତ ନକଲ ପ୍ରଦାନ କରିବେ।

୯. ପ୍ରାର୍ଥିନୀ ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ ମାନ୍ୟବର ନ୍ୟାୟଲୟଙ୍କ ଦ୍ୱାରା ପ୍ରଦତ୍ତ ଡିଗ୍ରୀର ପ୍ରମାଣ ପତ୍ର ପ୍ରଦାନ କରିବେ।

୧୦. ପ୍ରାର୍ଥିନୀ ଅଙ୍ଗନବାଡି ସହାୟକ/ସଙ୍ଗଠିକା/ବାଲବାଡି ଯୋଗ୍ୟତା ଥାଇ ୫ ବର୍ଷରୁ ଉର୍ଦ୍ଧ କାର୍ଯ୍ୟ କରିଥିବାର ଅଭିଜ୍ଞତା ଥିଲେ ତାହାର ପ୍ରମାଣ ପତ୍ର ଦାଖଲ କରିବେ।

୧୧. ପ୍ରାର୍ଥିନୀ ସର୍ବଶିକ୍ଷା ଅଭିଯାନ କିମ୍ବା N.P.E.G.E.L. ଯୋଜନାରେ E.C.C.E. କର୍ମୀଭାବେ କାର୍ଯ୍ୟ କରିଥିଲେ ତାହାର ପ୍ରମାଣପତ୍ର ଦେବେ।

୧୨. ଆବେଦନକାରିଣୀ ଆବଶ୍ୟକୀୟ ପ୍ରମାଣପତ୍ର ସହ ନିର୍ଦ୍ଧାରିତ ଫର୍ମ ସମୂହ ଗୋଟିଏ ବଡ ଲଫାପା ମଧ୍ୟରେ ରଖି ଲଫାପା ଉପରେ ଆବେଦନ କରୁଥିବା ଅଙ୍ଗନବାଡି କେନ୍ଦ୍ରର ନାମ/ ଗ୍ରାମପଞ୍ଚାଯତ ନାମ/ ନିଜ ନାମ ଓ ସମ୍ପୂର୍ଣ ଠିକଣା ଲେଖି ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ର ଅଧିକାରୀ ଙ୍କ ନିକଟରେ ପ୍ରଦାନ କରିବେ।

**ବିଜ୍ଞାପନ କରାଯାଇଥିବା ଅଙ୍ଗନୱାଡି କେନ୍ଦ୍ରର ନାମ:**

| କ୍ରମିକ ସଂଖ୍ୟ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ର ନାମ | ସମ୍ପୃକ୍ତ ଗ୍ରାମ/ପଡା/ସାହିର ପାର୍ଥିନୀମାନେ ଆବେଦନ କରିପାରିବେ |
|---|---|---|---|
| ୧ | ଧୂଳିଗଡ | ସୁଆଁଳ | ସୁଦର୍ଶନ ପାତ୍ର (୦୦୧) ଘର ଠାରୁ ଦିଲୀପ ମଣ୍ଡଳ (୨୬୩) |
| ୨ | ବାଙ୍ଗରକୋଟା | ଡିହପାଳ | ମୀନକେତନ ସାହୁ (୦୦୧) ଘର ଠାରୁ ଭଗବାନ ସାହୁ (୧୪୧) |
| ୩ | ଉଚ୍ଚବାଲି | ଉଚ୍ଚବାଲି | ସୁଶାନ୍ତ ସେଠୀ (୦୦୧) ଘର ଠାରୁ ଅନୁ ପାତ୍ର (୨୩୧) |

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ଦାନଗଦୀ

**ପରିପତ୍ର ସଂଖ୍ୟା** ୪୫୦ **/ତାରିଖ** ୦୩/୦୨/୨୨

ଏହାର ଏକ କିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର /ଗୋଷ୍ଠୀଉନ୍ନୟନ ଅଧିକାରୀ, ଦାନଗଦି / ଗୋଷ୍ଠୀସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ, ଦାନଗଦି /ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ, ଦାନଗଦି ଓ ଗୋଷ୍ଠୀ ଶିକ୍ଷାଧିକାରୀ, ଦାନଗଦି ଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ମୂଳ ପ୍ରମାଣପତ୍ର ଯାଞ୍ଚ ପାଇଁ ତା. ୧୮/୦୬/୨୦୨୬ ରିଖ ଦିନ ୧୦.୩୦ ଘଟିକା ରେ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଙ୍କ କାର୍ଯ୍ୟଲୟ, ଦାନଗଦି ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ ।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ଦାନଗଦି

**ପରିପତ୍ର ସଂଖ୍ୟା** ୪୫୧ **/ତାରିଖ** ୦୩/୦୨/୨୬

ଏହାର ଏକ କିତା ନକଲ ଅଧକ୍ଷ୍ୟା ପଞ୍ଚାୟତସମିତି, ଦାନଗଦି ସମ୍ପୃକ୍ତ ଗ୍ରାମପଞ୍ଚାୟତ ସରପଞ୍ଚ/ ସମିତିସଭ୍ୟ/ ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କର ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ଦାନଗଦି

**ପରିପତ୍ର ସଂଖ୍ୟା** ୪୫୨ **/ତାରିଖ** ୦୩/୦୨/୨୬

ଏହାର ଏକ କିତା ନକଲ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ, ଯାଜପୁରଙ୍କର ବିହିତ ଅବଗତି ଓ କାର୍ଯ୍ୟ।ନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ଦାନଗଦି
ଦାନଗଦି

ପରିପତ୍ର ସଂଖ୍ୟା ୪୫୩ /ତାରିଖ ୦୩/୦୨/୨୦୨୨

ଏହାର ଏକ କିତା ନକଲ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ପରିବାର ସର୍ଭେ ରେଜିଷ୍ଟର ସହିତ ତା. ୧୫/୦୬/୨୦୨୬ ରିଖ ଦିନ ୧୦.୩୦ ଘଟିକା ରେ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଙ୍କ କାର୍ଯ୍ୟଳୟ ରେ ଉପସ୍ଥିତ ରହିବେ। ।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବାଲୁଗଞ୍ଜ
ଜାନ୍ନଗଦୀ

ପରିପତ୍ର ସଂଖ୍ୟା ୪୫୪ /ତାରିଖ ୦୩/୦୨/୨୦୨୨

ଏହାର ଏକ କିତା ନକଲ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସବୋର୍ଡ କୁ ଜାରିକରାଗଲା।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବାଲୁଗଞ୍ଜ
ଜାନ୍ନଗଦୀ